# ତହସିଲଦାରଙ୍କ କାର୍ଯ୍ୟାଳୟ, ଖଣ୍ଡପଡ଼ା, ଜିଲ୍ଲା- ନୟାଗଡ଼

ସଂଖ୍ୟା...2449..../ତଉଜି, ତା .....06.06.2018

## ବିଜ୍ଞାପନ

## (ଲଘୁଖଣିଜ ଦ୍ରବ୍ୟ ଦୀର୍ଘମିଆଦି ଲିଜ୍ ନମନ୍ତେ)

[ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ - ୨୦୦୪ ଏବଂ ଓଡ଼ିଶା ଲଘୁଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ଆଇନ୍-୨୦୧୪, ୨୦୧୫, ୨୦୧୬ ଓ ୨୦୧୭ ଅନୁଯାୟୀ]

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ଖଣ୍ଡପଡ଼ା ତହସିଲ ଅନ୍ତର୍ଗତ ସୂଚୀରେ ପ୍ରଦତ୍ତ ଲଘୁ ଖଣିଜ ଦ୍ରବ୍ୟ ସଇରାତ ଉତ୍ସ ଗୁଡ଼ିକୁ ଅନ୍ୟୁନ ୫ (ପାଞ୍ଚ) ବର୍ଷ ନିମନ୍ତେ (୨୦୧୮-୧୯ ଠାରୁ ୨୦୨୨-୨୦୨୩ ପର୍ଯ୍ୟନ୍ତ) ଦିର୍ଘମିଆଦୀ ଲିଜ୍ ସୂତ୍ରେ ନେବାପାଇଁ ଇଚ୍ଛୁକ ବ୍ୟକ୍ତି ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ଉକ୍ତ ଲିଜ୍‌ରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ବ୍ୟକ୍ତି ବିଶେଷ ସମ୍ପୃକ୍ତ ଉତ୍ସଗୁଡ଼ିକୁ ପରିଦର୍ଶନ କରି ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଆବେଦନ କରିବା ବାଞ୍ଛନୀୟ । ଲିଜ୍ ନେବାପରେ ସୈରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବନାହିଁ- ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ଆଇନ -୨୦୧୪ ବର୍ଣ୍ଣିତ ତିନିକିତା ଫର୍ମ- J ପୂରଣ କରି ତତ୍ ସହିତ ନିମ୍ନଲିଖିତ ଆବଶ୍ୟକୀୟ କାଗଜାତ୍ ଦାଖଲ କରିବା ହେବେ ।

୧. ଦରଖାସ୍ତ ଫିଜ୍ ବାବଦକୁ ଟ. ୧,୦୦୦/- (ଏକ ହଜାର) ଟଙ୍କାର ଟ୍ରେଜେରି ଚାଲାଣ (Head of Account-0853-Non-Ferrous Mining and Metallurgical Industries - 102-Mineral Concession Fees, Rents and Royalties), ଏହି ଦରଖାସ୍ତ ଫିଜ୍ ଫେରସ୍ତ କରାଯିବ ନାହିଁ ।

୨. ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ବକେୟା ନଥିବା ଦର୍ଶାଇ ଏକ ସତ୍ୟପାଠ ।

୩. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟଉତ୍ତୋଳନ ପରିମାଣ (Minimum Guaranted Quantity) ଅନୁସାରେ ଆବେଦନକାରୀ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ ତଥା ରୟାଲିଟିର ସମପରିମାଣରେ ଏକ ଶୋଧକ୍ଷମ ପ୍ରମାଣ ପତ୍ର (Solvency Certificate) ଯାହାର ଅବଧି ଅଠର ମାସ ହେବା ଆବଶ୍ୟକ କିମ୍ବା ବ୍ୟାଙ୍କ ପ୍ରତ୍ୟାଭୂତି (Bank Guarantee)
[Requisite Extent of Solvency/ Bank Guarantee = Minimum Guaranteed Quantity Xoffered Additonal charge & Royalty]

୪. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ଉପରେ ନିର୍ଦ୍ଧାରିତ ଅତିରିକ୍ତ ଦେୟ ଓ ରୟାଲଟିର ଶତକଡ଼ା ୫ ଭାଗ EMD (Earnest Money Deposit) ନିମନ୍ତେ ତହସିଲଦାରଙ୍କ ନାମରେ ଚଳବନ୍ଧକକୃତ ବା Pledged ବ୍ୟାଙ୍କ ଡ୍ରାଫଟ୍।

୫. ଆବେଦନ କରିଥିବା ଲିଜ୍ ଜମିର ସଂପୂର୍ଣ୍ଣ ବିବରଣୀ ଓ ନକ୍ସା।

୬. ଆବେଦନକାରୀ ଯେଉଁ ସଇରାତ ଉତ୍ସପାଇଁ ଆବେଦନ କରୁଛନ୍ତି, ତାହା ପାଇଁ ଧାର୍ଯ୍ୟ ରୟାଲିଟି ରେଟ୍ ତୁଳନାରେ କେତେ ସର୍ବୋଚ୍ଚ ରେଟ୍‌ରେ ନେବାକୁ ଚାହୁଁଛନ୍ତି, ତାହା ଉଲ୍ଲେଖ କରିବେ।

୭. VAT/GST/IT Clearance ସାର୍ଟିଫିକେଟ୍‌ର ନକଲ।

୮. ଆବେଦନକାରୀଙ୍କର ପ୍ୟାନ କାର୍ଡ଼ର ନକଲ।

୯. ପ୍ରାଧିକୃତ ରାଜସ୍ୱ ଅଧିକାରୀଙ୍କଠାରୁ ପ୍ରାପ୍ତ ହୋଇଥିବା ଆବେଦନକାରୀଙ୍କ ଅସ୍ଥାବର ସମ୍ପତ୍ତି ତାଲିକା, ଉପୋରୋକ୍ତ କାଗଜାତ ସହ ଦରଖାସ୍ତ ଜଉମୁଦଦିଆ ଲଫାଫାରେ ରେଜିଷ୍ଟ୍ରିଡ଼ାକ ଯୋଗେ ତହସିଲଦାରଙ୍କ କାର୍ଯ୍ୟାଳୟ, ଖଣ୍ଡପଡ଼ା, ପୋଷ୍ଟ- ଖଣ୍ଡପଡ଼ା, ଜିଲ୍ଲା- ନୟାଗଡ଼, ପିନ୍- ୭୫୨୦୭୭ ଠିକଣାରେ ପଠାଇବାକୁ ହେବ କିମ୍ବା ତହସିଲ କାର୍ଯ୍ୟାଳୟରେ ଜଉମୁଦ-ଦିଆ ଟେଣ୍ଡର ବାକ୍ସରେ ତା ୦୨.୦୭.୨୦୧୮ ରିଖ ମଧ୍ୟରେ ଯେକୌଣସି କାର୍ଯ୍ୟ ଦିବସରେ ସରକାରୀ କାର୍ଯ୍ୟ ନିର୍ଘଣ୍ଟ ଅପରାହ୍ନ ୫ ଘଣ୍ଟିକା ମଧ୍ୟରେ ଦାଖଲ କରିପାରିବେ ଏବଂ ଉପରୋକ୍ତ ସମୟ ପରେ ଦରଖାସ୍ତ ଗ୍ରହଣୀୟ ହେବନାହିଁ। ଦରଖାସ୍ତ ଗୁଡ଼ିକ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ସମ୍ମୁଖରେ ତା ୦୩.୦୭.୨୦୧୮ ପୂର୍ବାହ୍ନ ୧୧ ଘଣ୍ଟିକା ସମୟରେ ତହସିଲଦାରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଖୋଲାଯିବ। ଯଦି ସଇରାତ ଉତ୍ସଗୁଡ଼ିକ ପ୍ରଥମ ଦଫାରେ ଲିଜ୍‌ପାଇଁ ଚୂଡ଼ାନ୍ତ ହୋଇ ନ ପାରିଲା, ତେବେ ସମାନ ଉପାୟରେ ଦ୍ୱିତୀୟ ଦଫାରେ ପୁନର୍ବାର ତା ୦୯.୦୭.୨୦୧୮ ରିଖ ଅପରାହ୍ନ ୫ ଘଣ୍ଟିକା ମଧ୍ୟରେ ଆବେଦନ କରିପାରିବେ ଓ ତା ୧୦.୦୭.୨୦୧୮ ରିଖ ପୂର୍ବାହ୍ନ ୧୧ ଘଣ୍ଟିକାରେ ଏହି ଟେଣ୍ଡରଗୁଡ଼ିକ ଉପରୋକ୍ତ ସ୍ଥାନରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଯଦି ଦ୍ୱିତୀୟ ଦଫାରେ ଟେଣ୍ଡରଗୁଡ଼ିକ ଫଇସଲା ନ ହୋଇ ପାରିଲା, ତେବେ ତୃତୀୟ ଦଫାରେ ତା ୧୬.୦୭.୨୦୧୮ ଅପରାହ୍ନ ୫ ଘଣ୍ଟିକା ମଧ୍ୟରେ ଟେଣ୍ଡର ଦାଖଲ କରିପାରିବେ ଓ ତା ୧୭.୦୭.୨୦୧୮ ପୂର୍ବାହ୍ନ ୧୧ ଘଣ୍ଟିକାରେ ଟେଣ୍ଡର ପେପର ଗୁଡ଼ିକ ଖୋଲାଯାଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଆବେଦନକାରୀ ପ୍ରାଧୀକୃତ ଅଧିକାରୀଙ୍କ ଦ୍ୱାରା (Competent Authority) ଧାର୍ଯ୍ୟ ହୋଇଥିବା ଅତିରିକ୍ତ ଦେୟ ତଥା ରୟାଲିଟି ମୂଲ୍ୟ ଠାରୁ କମ୍ ମୂଲ୍ୟ ଦର୍ଶାଇଲେ, ତାହା ଗ୍ରହଣୀୟ ହେବ ନାହିଁ ଏବଂ ଦରଖାସ୍ତଟି ନାକଚ ହେବ। ଆବେଦିତ ଦରଖାସ୍ତମାନଙ୍କ ମଧ୍ୟରେ ରୟାଲିଟି ସର୍ବାଧିକ ଅତିରିକ୍ତ ଦେୟ (Additional Charge) ଦର୍ଶାଇଥିବା ଆବେଦନ ପତ୍ରକୁ ଯୋଗ୍ୟ ବିବେଚିତ କରାଯିବ। ଯଦି ଏକାଧିକ ବ୍ୟକ୍ତି ସଂପୃକ୍ତ ସଇରାତ ଉତ୍ସ ନିମନ୍ତେ ରୟାଲଟି ଉପରେ ସମାନ ମୂଲ୍ୟର ଅତିରିକ୍ତ ଦେୟ ଦର୍ଶାଇ ଥାଆନ୍ତି, ତେବେ ଲଟେରୀ ମାଧ୍ୟମରେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନିତ କରାଯିବ।

ଓଲଟାନ୍ତୁ .... ପୃଷ୍ଠା-୩

୧୦. ଜିଲ୍ଲାପାଳ ନୟାଗଡଙ୍କ ପତ୍ର ସଂଖ୍ୟା **-୨୩୮, ତା ୦୧.୦୫.୨୦୧୭, ସଂଖ୍ୟା ୫୪, ତା ୦୫.୦୨.୨୦୧୮ ଓ ସଂଖ୍ୟା ୧୨୨, ତା ୦୯.୦୩.୨୦୧୮** ଦ୍ୱାରା ଉସ୍ଥ ଗୁଡିକର ସର୍ବନିମ୍ନ ଅତିରିକ୍ତ ଦେୟ ଧାର୍ଯ୍ୟ କରାଯାଇଛି । ପରବର୍ତ୍ତୀ ସମୟରେ ଯଦି ସରକାରଙ୍କ ଦ୍ୱାରା ସର୍ବନିମ୍ନ ଅତିରିକ୍ତ ଦେୟ ପୁନର୍ବାର ଧାର୍ଯ୍ୟ କରାଯାଏ ଉକ୍ତ ଧାର୍ଯ୍ୟ ମୂଲ୍ୟ ଓ ନୋଟିସରେ ଥିବା ଅତିରିକ୍ତ ଦେୟର ପାର୍ଥକ୍ୟ ମୂଲ୍ୟକୁ ମନୋନିତ ଆବେଦନକାରୀ ଦାଖଲ କରିବାକୁ ବାଧ ହେବେ ।

୧୧. ଯୋଗ୍ୟ ବିବେଚିତ ଆବେଦନକାରୀଙ୍କୁ ମନୋନୟନର ୭ (ସାତ) ଦିନ ମଧ୍ୟରେ ପ୍ରାଧୀକୃତ ଅଧିକାରୀଙ୍କ ଦ୍ୱାରା ନିର୍ଦ୍ଧାରିତ ଫର୍ମରେ ଜଣାଇ ଦିଆଯିବ। ସୂଚନା ପାଇବାର ୧୫ (ପନ୍ଦର) ଦିନ ମଧ୍ୟରେ ମନୋନୀତ ଆବେଦନକାରୀ ସର୍ତ୍ତାବଳୀ ମାନିବାପାଇଁ ସମ୍ମତି ପ୍ରଦାନ କରିବେ ଏବଂ ତତ୍ ସଙ୍ଗେ ସଙ୍ଗେ ଅମାନତ ରାଶି ଜମା କରିବେ । ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (MGQ) ଉପରେ ଆବେଦନକାରୀ ଦରଖାସ୍ତରେ ଦର୍ଶାଇଥିବା ବାର୍ଷିକ ଅତିରିକ୍ତ ଦେୟ ତଥା ରୟାଲଟି ଏବଂ ଜିଲ୍ଲା ଖଣିଜ ପାଣ୍ଠିକୁ (District Mineral Foundation Fund) ଦେବାକୁ ଥିବା ଦେୟର ଏକ ଚତୁର୍ଥାଂଶରୁ ଆଗୁଆ ପ୍ରଦାନ କରାଯାଇଥିବାEarnest Money କୁ ବାଦ ଦେଇ ବଳକା ଥିବା ରାଶିର ପରିମାଣ ସୁଧ ରହିତ ଅମାନତ ରାଶିର ଗ୍ରହଣ ପରିମାଣ ସହ ସମାନ ହେବ । ଯଦି ମନୋନିତ ବ୍ୟକ୍ତି ୧୫ ଦିନ ମଧ୍ୟରେ ସମ୍ମତି ନ ଦିଅନ୍ତି ତେବେ ଦ୍ୱିତୀୟ ସର୍ବାଧିକ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ । ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ସ୍ଥଳବିଶେଷରେ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ପରିବର୍ତ୍ତନ କରାଯାଇପାରେ ।

୧୨. ମନୋନିତ ଆବେଦନକାରୀ ଚାରି ମାସ ମଧ୍ୟରେ Mining Plan ତଥା Environmental Clearance ନିଜ ଖର୍ଚ୍ଚରେ ଏବଂ ନିଜ ଦାୟିତ୍ୱରେ ଦାଖଲ କରିବା ବାଧ୍ୟତା ମୂଳକ ଅଟେ । ଅନ୍ୟଥା ଆଇନ ଅନୁଯାୟୀ ଆବଶ୍ୟକ ସ୍ଥଳେ ଲିଜ୍ ନାକଚ ହେବ ଏବଂ ଅମାନତ ରାଶି ସରକାରୀ ତହବିଲରେ ଜମା ହେବ ।

ଏହି ସମସ୍ତ ପ୍ରକ୍ରିୟା ଶେଷ ହେବାପରେ ମନୋନୀତ ଆବେଦନକାରୀଙ୍କୁ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ଆଇନ -୨୦୧୪ଓ୨୦୧୫ ର ନିୟମାବଳୀ ପ୍ରକାରେ ସମସ୍ତ ଦେୟ ଯଥା ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ଅନୁଯାୟୀ ଅତିରିକ୍ତ ଦେୟ ବା ରୟାଲଟି, ଧାର୍ଯ୍ୟ ଅତିରିକ୍ତ ଦେୟ ବା ରୟାଲଟିର ୧୦% ଜିଲ୍ଲା ଖଣିଜ ପାଣ୍ଠି (District Mineral Foundation Fund ୫%ପରିବେଶ ପରିଚାଳନା ପାଣ୍ଠି (Environmental Management Fund), ୨%ଆୟକର (Tax collection at source)ନିର୍ଦ୍ଧାରିତ Surface Rent & Dead Rent ଜମା ଦେଇ ଲିଜ୍ ପାଇଁ ଚୁକ୍ତିପତ୍ର ସମ୍ପାଦନ କରିବାକୁ ହେବ। ପରବର୍ତ୍ତି ସମୟରେ ସରକାରଙ୍କ ଦ୍ୱାରା ସ୍ଥିର କରାଯାଇଥିବା ସମସ୍ତ ରାଶି ଲିଜଧାରୀ ପୈଠ କରିବା ପାଇଁ ବାଧ୍ୟ ହେବେ । ପୁନଃଶ୍ଚ ନିୟମାବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପୈଠ ହୋଇଥିବା ଜମାରାଶିକୁ ବ୍ୟାଜାପ୍ତ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ରହିଅଛି ।

ଓଲଟାନ୍ତୁ ...........ପୃଷ୍ଠା-୪

୧୩.  ଲିଜଧାରି ସୈରାତ ଉତ୍ସର ନକ୍ସା ଅନୁଯାୟୀ ସିମେଣ୍ଟ ଦ୍ୱାରା ବାଡ଼ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ Display Board ତିଆରି କରି ସେଥିରେ ସୈରାତ ଉତ୍ସନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବେ । ଏସବୁ ସମ୍ପାଦନ ଖର୍ଚ୍ଚ ଲିଜଧାରୀ ବହନ କରିବେ । ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଉଠାଇପାରିବେ ନାହିଁ । ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀଗୁଡ଼ିକ ଛୁଟିଦିନ ବ୍ୟତୀତ ସମସ୍ତ କାର୍ଯ୍ୟ ଦିବସରେ କାର୍ଯ୍ୟାଳୟରେ ଉପଲବ୍ଧ ହେବ । ଯଦି ଏହି ବିଜ୍ଞାପନରେ ନିୟମ ଅନୁଯାୟୀ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ଏହାକୁ ସଂଶୋଧନ ତଥା ପରିବର୍ତ୍ତନ କରିବାର ଅଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କର ରହିଛି ।

**ତହସିଲଦାର, ଖଣ୍ଡପଡ଼ା ।**

# ତହସିଲଦାରଙ୍କ କାର୍ଯ୍ୟାଳୟ, ଖଣ୍ଡପଡ଼ା, ଜିଲ୍ଲା- ନୟାଗଡ଼

ସଂଖ୍ୟା....2450..../ତଉଜି, ତା ..06.6.2018

## ବିଜ୍ଞାପନ

## (ଲଘୁଖଣିଜ ଦ୍ରବ୍ୟ ଲିଜ୍ ନିମନ୍ତେ)

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ଖଣ୍ଡପଡ଼ା ତହସିଲରେ ଥିବା ସଇରାତ ଉତ୍ସ ଗୁଡ଼ିକୁ ଅନ୍ୟୁନ ୫ (ପାଞ୍ଚ) ବର୍ଷ ନିମନ୍ତେ (୨୦୧୮-୧୯ ଠାରୁ ୨୦୨୨-୨୦୨୩ ପର୍ଯ୍ୟନ୍ତ) ଦିର୍ଘମିଆଦୀ ଲିଜ୍ ସୂତ୍ରେ ନେବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି।

ଏହି ସଇରାତ ଉତ୍ସ ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଯଥା ସଇରାତ ଉତ୍ସର ପ୍ରକାର ମୌଜାର ନାମ, ପ୍ଲଟ ନଂ, ରକବା ଏବଂ ଦରଖାସ୍ତ ଗ୍ରହଣର ସମୟସୀମା ଇତ୍ୟାଦିର ସୂଚନା ନୟାଗଡ଼ ଜିଲ୍ଲା ୱେବ ସାଇଟ୍ "http://nayagarh.nic.in"/DWIST ରେ ଉପଲବ୍ଧ ହେବ। ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବାପାଇଁ ଇଚ୍ଛୁକ ବ୍ୟକ୍ତି ସଂପୃକ୍ତ ତହସିଲଦାରଙ୍କ କାର୍ଯ୍ୟାଳୟ ସହ ଯେ କୌଣସି କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରିବେ।

ତହସିଲଦାର, ଖଣ୍ଡପଡ଼ା

## ପାଞ୍ଚବର୍ଷ ଦୀର୍ଘ ମିଆଦି ଲିଜ ପାଇଁ ଉଦ୍ଦିଷ୍ଟ ଲଘୁ ଖଣି / ଖାଦାନର ବିବରଣୀ

| କ୍ର.ନଂ | ରାଜସ୍ୱ ମଣ୍ଡଳର ନାମ | ସୈରାତ ଉତ୍ସର ବିବରଣୀ | ମୌଜା | ଖାତା ନଂ | କିସମ | ପ୍ଲଟ୍ ନଂ | ରକବା (ଏକର) | ସର୍ବନିମ୍ନ ପ୍ରତ୍ୟାଭୁକ୍ତ ପରିମାଣ ଓ ଅତିରିକ୍ତ ଦେୟ | | | | |
|---|---|---|---|---|---|---|---|---|---|---|---|---|
| | | | | | | | | ୧ମ ବର୍ଷ | ୨ୟ ବର୍ଷ | ୩ୟ ବର୍ଷ | ୪ର୍ଥ ବର୍ଷ | ୫ମ ବର୍ଷ |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧ | ସଦର | ଓସ୍ତିଆ ପଥର ଖାଦାନ | ଓସ୍ତିଆ | ୪୮ | ପର୍ବତ | ୨ | ୩.୦୦ | ୫୦୦ଘ.ମି/ ୬୮,୫୦୦/- | ୫୫୦ଘ.ମି/ ୭୩,୩୫୦/- | ୬୦୫ଘ.ମି./ ୮୨,୮୮୫/- | ୬୬୫ଘ.ମି/ ୯୧,୧୦୫/- | ୭୩୨ଘ.ମି./ ୧,୦୦,୨୮୪/- |
| ୨ | ଶିଖରପୁର | ଅଁଳାମଡ଼ା ବାଲି ଖାଦାନ | ଅଁଳାମଡ଼ା | ୧୬୯ | ନଦୀ | ୮,୯୦,୧୦୦ ୧୭୬,୯୮ ୭୩୮,୧୭୭/ ୧୦୭୮ | ୧୨.୫୦ | ୮୦୦ଘ.ମି/ ୨୯,୬୦୦/- | ୮୮୦ଘ.ମି/ ୩୨,୫୬୦/- | ୯୬୮ଘ.ମି/ ୩୫,୮୧୬/- | ୧୦୬୫ଘ.ମି/ ୩୯,୪୦୫/- | ୧୧୭୨ଘ.ମି/ ୪୩,୩୬୪/- |
| ୩ | କୋସକା | ଜାକଲା ବାଲି ଖାଦାନ | ଜାକଲା | ୪୨୧ | ନଦୀ | ୧୬୫୩ | ୧୪.୨୫ | ୬୦୦ଘ.ମି/ ୨୨,୨୦୦/- | ୬୬୦ଘ.ମି/ ୨୪.୪୨୦/- | ୭୨୬ ଘ.ମି/ ୨୬,୮୬୨/- | ୭୯୯ଘ.ମି/ ୨୯,୫୬୩/- | ୮୭୮ଘ.ମି/ ୩୨,୪୮୬/- |
| ୪ | ସଦର | ସିଂହମୁଣ୍ଡିଆ ପଥର ଖାଦାନ (୨) | ସିଂଙ୍ଗମୁଣ୍ଡିଆ | ୫୧ | ପର୍ବତ | ୧୭୦ | ୨.୦୦ | ୩୦୦୦ଘ.ମି/ ୪,୨୦,୦୦୦/- | ୩୦୦୦ଘ.ମି/ ୪,୨୦,୦୦୦/- | ୩୦୦୦ଘ.ମି/ ୪,୨୦,୦୦୦/- | ୩୦୦୦ଘ.ମି/ ୪,୨୦,୦୦୦/- | ୩୦୦୦ଘ.ମି/ ୪,୨୦,୦୦୦/- |
| ୫ | କୋସକା | କୁମ୍ଭାରପଡ଼ା ପଥର ଖାଦାନ | କୁମ୍ଭାରପଡ଼ା | ୬୨୫ | ପର୍ବତ | ୨୬୬୪ | ୨.୬୫ | ୧୫୦୦ଘ.ମି/ ୨,୧୦,୦୦୦/- | ୧୫୦୦ଘ.ମି/ ୨,୧୦,୦୦୦/- | ୧୫୦୦ଘ.ମି/ ୨,୧୦,୦୦୦/- | ୧୫୦୦ଘ.ମି/ ୨,୧୦,୦୦୦/- | ୧୫୦୦ଘ.ମି/ ୨,୧୦,୦୦୦/- |
| ୬ | କୋସକା | କୁଆଁରିଆ ବାଲି ଖାଦାନ | କୁମ୍ଭାରପଡ଼ା | ୬୨୫ | ନଦୀ | ୩୩୨୨ ୩୨୦୬, ୩୭୨୮ | ୧୨.୫୦ | ୫୫୦୦ଘ.ମି ୨,୪୭,୫୦୦/- | ୫୫୦୦ଘ.ମି ୨,୪୭,୫୦୦/- | ୫୫୦୦ଘ.ମି ୨,୪୭,୫୦୦/- | ୫୫୦୦ଘ.ମି ୨,୪୭,୫୦୦/- | ୫୫୦୦ଘ.ମି ୨,୪୭,୫୦୦/- |

ତହସିଲଦାର, ଖଣ୍ଡପଡ଼ା

ପରିପତ୍ର ସଂଖ୍ୟା 2451 ତା 06.6.2018

ଏହାର ଏକକିତା ନକଲ ଜିଲ୍ଲାପାଳ, ନୟାଗଡ଼ / ଉପ-ଜିଲ୍ଲାପାଳ, ନୟାଗଡ଼/ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ନୟାଗଡ଼ଙ୍କ ସଦୟ ଅବଗତି ଏବଂ ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଖଣ୍ଡପଡ଼ା

ପରିପତ୍ର ସଂଖ୍ୟା 2452 ତା 06.6.2018.

ଏହାର ଏକକିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, (ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର) ଜିଲ୍ଲା ୟୁନିଟ୍, ନୟାଗଡ଼ଙ୍କୁ ଜିଲ୍ଲା ୱେବ୍‌ସାଇଟ୍‌ରେ ବ୍ୟାପକ ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଖଣ୍ଡପଡ଼ା

ପରିପତ୍ର ସଂଖ୍ୟା 2453 ତା 06.6.2018

ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଖଣ୍ଡପଡ଼ା / କାର୍ଯ୍ୟନିର୍ବାହୀ ଅଧିକାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଣ୍ଡପଡ଼ା /ସରପଞ୍ଚ, ସମସ୍ତ ଗ୍ରାମପଞ୍ଚାୟତ/ସମସ୍ତ ରାଜସ୍ୱନିରୀକ୍ଷକ ଙ୍କ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଖଣ୍ଡପଡ଼ା

ପରିପତ୍ର ସଂଖ୍ୟା 2454 ତା 06.6.2018

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ, ଖଣ୍ଡପଡ଼ା ନୋଟିସ୍ ବୋର୍ଡ଼ରେ ବ୍ୟାପକ ପ୍ରସାର ନିମନ୍ତେ ପ୍ରଦର୍ଶନ କରାଗଲା ।

ତହସିଲଦାର, ଖଣ୍ଡପଡ଼ା